Vol VIII Issue No.49 Sunday, 18 February 2007



**New York Times Newspaper**
Phoenix - Get Home Delivery for as little as $2.99 per week!
www.nytimes.com

**Day You Were Born News**
Any Date City State Fast svc. Birthday Anniversary
800-544-8345
www.newspaper-headlines.com

**Hindu Wedding Photography**
Professional Photographer Hindu, Panjabi, Gujarati, Cultural
www.photobyrupesh.com

**Newspaper Publisher Mgmt**
Learn How SAP Can Help Media Companies Stay Competitive!
SAP.com/Newspapers

Ads by Goooooogle Advertise on this site

previous || next

# ଆଇଆଇଟି ସ୍ଥାନାନ୍ତର ଓ ନିଦ୍ରିତ ଓଡ଼ିଆ/ଅକୁହା କଥା/ବ୍ରଜ କିଶୋର ସାହୁ

Click to enlarge text: A A A A

ଅନ୍ୟ ରାଜ୍ୟକୁ ଶେଷ ମୁହୂର୍ତ୍ତରେ ଚାଲିଯାଉଥିବା ବେଳେ ଆମ ରାଜ୍ୟର ଛାତ୍ରୀଛାତ୍ର ଏ ସମ୍ପର୍କରେ ଅବଗତ ମଧ୍ୟ ନୁହନ୍ତି । ଆସାମର ଛାତ୍ର ସମାଜ ସେମାନଙ୍କ ଦାବି ହାସଲ ପାଇଁ ଏକ କ୍ଷମତାସୀନ ସରକାରକୁ ଗାଦିଚ୍ୟୁତ କରି ଇତିହାସ ସୃଷ୍ଟି କରିପାରିଥିଲେ । ବାଂଲାଦେଶର ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ଏବେ ମଧ୍ୟ ସେମାନେ ସେମାନଙ୍କ ସଂଗ୍ରାମ ଜାରି ରଖିଛନ୍ତି । ଆମ ରାଜ୍ୟରେ ଆମକୁ ନାଲିଆଖି ଦେଖାଇ ଚାଲିଛନ୍ତି ଅନୁପ୍ରବେଶକାରୀମାନେ । ସାମାନ୍ୟ କଥାକୁ ନେଇ ରାସ୍ତାରୋକୋ କରିବା, ସରକାରୀ ଅଫିସ ଭଙ୍ଗାରୁଜା କରିବା, ବସ୍, ଟ୍ରେନରେ ରିହାତି ପାଇଁ ମାରପିଟ କରି ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ କରାଇବା ଭଳି କାର୍ଯ୍ୟକୁ ଓଡିଶାର ଛାତ୍ର ସମାଜ ଏକ ଗଡଜୟ ଭାବେ ବିବେଚନା କରନ୍ତି । ଆଇଆଇଟି ଓ ଆଇଆଇଏମ ଭଳି ଶିକ୍ଷାନୁଷ୍ଠାନ ସ୍ଥାନାନ୍ତରିତକୁ ନେଇ ଓଡିଶାର ଛାତ୍ରସମାଜ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା କିମ୍ବା ଓଡିଶାରେ ଥିବା ସମସ୍ତ କେନ୍ଦ୍ର ସରକାରଙ୍କ ଅଫିସକୁ ବନ୍ଦ କରିଦେବା ଭଳି କାର୍ଯ୍ୟରେ ନେତୃତ୍ୱ ନେବା ଭଳି ଛାତ୍ରନେତା ଓଡିଶାରେ ଅଭାବ । କେନ୍ଦ୍ର ସରକାର ଓଡିଆଙ୍କ ନାଡି ଭଲ ଭାବେ ପରଖି ନେଇଛନ୍ତି ଯେ, ଓଡିଆଙ୍କ ପ୍ରତିବାଦ କରିବାର ସାମର୍ଥ୍ୟ କେତେ ! ତେଣୁ ସେମାନେ ଆରାମରେ କୌଣସି ପ୍ରତିବାଦର ସମ୍ମୁଖୀନ ନ ହୋଇ ଗୋଟିକ ପରେ ଗୋଟିଏ କେନ୍ଦ୍ରୀୟ ଅନୁଷ୍ଠାନମାନ ଅନ୍ୟ ରାଜ୍ୟକୁ ନେଇପାରୁଛନ୍ତି । ଓଡିଶାର ସମସ୍ତ ଏମ୍.ପି. ମିଳିତ ଭାବେ ଯଦି ଇସ୍ତଫା ଦିଅନ୍ତେ, ଛାତ୍ରସମାଜ ଯଦି କେନ୍ଦ୍ରକୁ ଯାଇ ପାର୍ଲାମେଂଟ ସମ୍ମୁଖରେ ଧାରଣା ଦିଅନ୍ତେ ତେବେ କେନ୍ଦ୍ରର ବଧିରା କାନ ଟିକେ ତ ସଜାଗ ହୁଅନ୍ତା ! ଓଡିଶାର ବିଦ୍ରୋହ ଓ ପ୍ରତିବାଦକୁ ଗୋରାମାନେ ମଧ୍ୟ ସମ୍ମାନ ସହ ସ୍ୱୀକାର କରିଥିଲେ । ତେବେ ଆଜିର ଓଡିଆ ଏତେ ଭୀରୁ କାହିଁକି ? କେତେ ଦିନ କୁମ୍ଭକର୍ଣ୍ଣ ନିଦ୍ରାରେ ଆମେ ଶୋଇ ରହିଥିବା ? ନିଜର ନ୍ୟାଯ୍ୟ ଅଧିକାର ହାସଲ କରିବାର ସମୟ ଆସି ଯାଇଛି, ଓଡିଆ ଭାଇ ଜାଗି ଉଠ ।

previous || next



JeevanSathi.com Feedback - Ads by Google

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.